## ସଂକ୍ଷେପରେ

### ଜ୍ଞାନ ବିଜ୍ଞାନ ମେଳା

ଆଠମଲ୍ଲିକ,୧୨।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ବିଦ୍ୟୋତ ପରିଷଦ ସଭାପତି ଜୀବର୍ଦ୍ଧନ ବାରିକ, ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସଦସ୍ୟ ମେଘନାଦ ସାହୁ, ପରିଚାଳନା ସମିତିର ଉପସଭାପତି ପ୍ରାଣବନ୍ଧୁ ମେଣ୍ଡୁଲି, ସଦସ୍ୟା ରଶ୍ମିତା ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ଅତିଥି ପରିଚୟ ଓ ଆଚାର୍ଯ୍ୟା ରତ୍ନପ୍ରଭା ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଜ୍ଞାନ ପ୍ରମୁଖ ସୁଜିତ କୁମାର ହୋତା ଓ ଆଚାର୍ଯ୍ୟା ଦୀପ୍ତିମୟୀ ମହାକୁଡଙ୍କ ତତ୍ତ୍ୱାବଧାନରେ ଜ୍ଞାନ ବିଜ୍ଞାନ ମେଳା ପରିଚାଳିତ ହୋଇଥିଲା। ଏଥିରେ ୭୦ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ସଫଳ ପ୍ରତିଭାଗୀମାନେ ସଙ୍କୁଳସ୍ତରକୁ ମନୋନୀତ ହୋଇଥିଲେ। ଆଠମଲ୍ଲିକ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବ୍ରଜଗୋପାଳ ମିଶ୍ର ଓ ଅଏଡା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଜୀବ ଲୋଚନ ନାଏକ ବିଚାରକ ରୂପେ ଯୋଗ ଦେଇଥିଲେ। ପୂର୍ବତନ ଛାତ୍ରୀ ଡ. ଶୁଭଲକ୍ଷ୍ମୀ ମିଶ୍ର ପ୍ରତିଭାଗୀଙ୍କୁ ଉତ୍ସାହିତ କରିଥିଲେ।

# ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ

### ନୂତନ ଅସନବାହାଲବାସୀଙ୍କୁ ଜିଲାପାଳଙ୍କ ପ୍ରତିଶ୍ରୁତି

ବଇଣ୍ଡା, (ପରିକ୍ଷିତ ସାହୁ)/
ଅନୁଗୋଳ,୧୨।୮ (ଅମିତ କୁମାର ସାମଲ)



ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ସଭାରେ ଗ୍ରାମବାସୀଙ୍କ ସମସ୍ୟା ବୁଝୁଛନ୍ତି।

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପାଇଁ ଟାଇଁସି ପଞ୍ଚାୟତରୁ ବିସ୍ଥାପିତ ହୋଇଥିବା ଅସନବାହାଲ ଓ ଟୁଲୁକା ଗ୍ରାମବାସୀଙ୍କୁ ସରକାରଙ୍କ ପକ୍ଷରୁ ନୂତନ ଅସନବାହାଲ ଗ୍ରାମ ନିର୍ମାଣ କରାଯାଇ ଥଇଥାନ କରାଯାଇଛି। ଶନିବାର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନୂତନ ଅସନବାହାଲରେ ପହଞ୍ଚି ଗ୍ରାମବାସୀଙ୍କ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଏଥିସହ ଉକ୍ତ ନୂତନ ଗ୍ରାମରେ ୨ ଗ୍ରାମବାସୀ କିପରି ସମସ୍ତ ମୌଳିକ ସୁବିଧା ପାଇପାରିବେ ସେ ନେଇ ଧ୍ୟାନ ଦେବାକୁ ଜିଲାର ସମସ୍ତ ପଦାଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ପ୍ରକାଶ ଯେ, ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ନିର୍ମାଣ ପାଇଁ ଅନୁଗୋଳ ବ୍ଲକ ଟାଇଁସି ପଞ୍ଚାୟତରୁ ଟୁଲୁକା ଗ୍ରାମର ୬୦ ପରିବାର ଓ ଅସନବାହାଲ ଗ୍ରାମର ୫୦ ପରିବାରଙ୍କୁ ବିସ୍ଥାପିତ କରାଯାଇଥିଲା। ନୂତନ ଅସନବାହାଲ ଗ୍ରାମରେ ଘର ନିର୍ମାଣ କରାଯାଇ ସେମାନଙ୍କୁ ଥଇଥାନ କରାଯାଇଥିବା ବେଳେ ମୌଳିକ ସମସ୍ୟାର ସମାଧାନ ପାଇଁ ସେଠାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ଜିଲାପାଳଙ୍କ ସମେତ ଜିଲାର ଅନ୍ୟ ଅଧିକାରୀମାନେ ଉକ୍ତ ସଭାରେ ଉପସ୍ଥିତ ଥିବା ବେଳେ ଅଞ୍ଚଳବାସୀ ସ୍ଥାୟୀ ପିଚୁ ରାସ୍ତା, ସ୍ଥାୟୀ ଘର, ଜମିପଟ୍ଟା, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ଶୌଚ ପାଇଁ ପୋଖରୀ ଆଦିର ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ଦାବି କରିଥିଲେ। ବିସ୍ଥାପିତଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସେମାନେ କିପରି ଛେଳି, କୁକୁଡ଼ା ଚାଷ କରି ଜୀବିକା ନିର୍ବାହ କରିବେ ସେ ନେଇ ପ୍ରଶାସନ ପଦକ୍ଷେପ ନେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ସାତକୋଶିଆ ଡିଏଫଓ ସରୋଜ କୁମାର ପଣ୍ଡା, ଅନୁଗୋଳ ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ବିଡିଓ ଅରବିନ୍ଦ ବେହେରା, ଏସିଏଫଓ ଶୁଭେନ୍ଦୁ ବେହେରା, ଏଡିଓ ଅଜୟ ପାତ୍ର, ସିଡିପିଓ ଗୀତାଞ୍ଜଳି ପ୍ରଧାନ, ଟାଇଁସି ସରପଞ୍ଚ ସୌଦାମିନୀ ପ୍ରଧାନଙ୍କ ସମେତ ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ୨ ହଜାର ତାଳ ଗୋଟମା ରୋପଣ

ଅନୁଗୋଳ,୧୨।୮
(ଅମିତ କୁମାର ସାମଲ)

ବଜ୍ରପାତରୁ ଧନ ଜୀବନର ସୁରକ୍ଷା ଏବଂ ଜୈବବିବିଧତାରେ ତାଳଗଛର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଅନୁଗୋଳ ଜିଲାର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ତାଳ ଗୋଟମା ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ୨୦୦୦ରୁ ଅଧିକ ତାଳ ଗୋଟମା କୁରୁଡୁ ଜଙ୍ଗଲର ହାତୀ ପ୍ରବଣ ଅଞ୍ଚଳରେ ପୋତା ଯାଇଛି। ପୋକୁଣ୍ଡା ବନପାଳ ଅଭିମନ୍ୟୁ ମାଝି, ବନରକ୍ଷୀ ସୁଜିତ କଅଁର ଓ ଚିନ୍ମୟ ତରାଇ, ସାମାଜିକ କର୍ମୀ ସୁବ୍ରତ କୁମାର ସାହୁ, ସୁଦର୍ଶନ ପ୍ରଧାନ, ସାଥୀ ଅନୁଷ୍ଠାନର ଶୁଭେନ୍ଦୁ ସାହୁ, ଦିଲୀପ କୁମାର ସାହୁ, ସୁବ୍ରତ କୁମାର ପ୍ରଧାନଙ୍କ ସମେତ ବନ ଜଗୁଆଳିମାନେ ୨ ହଜାର ତାଳ ଗୋଟମା ରୋପଣ କରିଥିଲେ। ଏହାଦ୍ୱାରା ଭବିଷ୍ୟତରେ ହାତୀମାନେ ଏହି ପ୍ରାକୃତିକ ଆବାସସ୍ଥଳୀରେ ନିଜ ପସନ୍ଦର ଖାଦ୍ୟ ପାଇପାରିବେ। ହାତୀମାନଙ୍କ ପୂର୍ବ ପ୍ରାକୃତିକ ଆବାସସ୍ଥଳୀ ଓ ବିଭିନ୍ନ ସରକାରୀ ଜଙ୍ଗଲ ଜମିରେ ସହସ୍ରାଧିକ ସଂଖ୍ୟାରେ ତାଳ ଗୋଟମା ରୋପଣ କରାଯିବାକୁ ଅନୁଷ୍ଠାନ ପକ୍ଷରୁ ଯୋଜନା କରାଯାଇଛି।



କୁରୁଡୁ ଜଙ୍ଗଲରେ ତାଳ ଗୋଟମା ରୋପଣ କରାଯାଉଛି।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା,୧୨।୮ (ପରିକ୍ଷିତ ସାହୁ)

ନୂତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅନୁଗୋଳ ଜିଲା ପାଇଁ ଅଧ୍ୟକ୍ଷ ନିଯୁକ୍ତ ହୋଇଥିବା କିଶୋରନଗର ବ୍ଲକ ଧଉରପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ନାୟକଙ୍କୁ ଶୁକ୍ରବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ତାଙ୍କ ବାସଭବନଠାରେ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଅନୁଗୋଳ ଜିଲାରେ ଥିବା ଆଦିବାସୀଙ୍କ କିପରି ବିକାଶ ହେବ ସେ ନେଇ ଧ୍ୟାନ ଦେବାକୁ ବିଧାୟକ ନୂଆ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶ ନାୟକ ଉପସ୍ଥିତ ଥିଲେ। ଅନୁଗୋଳ ଜିଲାର ବିକାଶ ଉପରେ ସରକାରଙ୍କଠାରେ ଦାବି ରଖିବି ବୋଲି ସଦାଶିବ କହିଛନ୍ତି।



ବିଧାୟକ ସାଏ ସଦାଶିବଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

# ନିର୍ଯାତିତ ନାବାଳକଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ

### ସାବତ ମା' ଓ ବାପା ଥାନାରେ ଅଟକ

ଛେଣ୍ଡିପଦା,୧୨।୮ (ଅଜିତ ଧଳ)



ସାବତ ମା' ଓ ବାପାଙ୍କ ଦ୍ୱାରା ନିର୍ଯାତିତ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ପଞ୍ଚାୟତର ଜଣେ ନାବାଳକଙ୍କୁ ଅନୁଗୋଳ ଚାଇଲ୍ଡଲାଇନ ପକ୍ଷରୁ ଶନିବାର ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ସମ୍ପୃକ୍ତ ନାବାଳକଙ୍କ ମା' ଘରଛାଡ଼ି ଚାଲିଯିବା ପରେ ବାପା ଦ୍ୱିତୀୟ ବିବାହ କରିଥିଲେ। ଏହା ପରଠାରୁ ସାବତ ମା' ଅନେକ ସମୟରେ ନାବାଳକଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ସ୍ୱାମୀଙ୍କ ଆଗରେ ମିଛ କଥା କହି ନାବାଳକଙ୍କୁ ମାଡ଼ ମରାଉଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କ କଥାକୁ ବିଶ୍ୱାସ କରି ନାବାଳକଙ୍କ ବାପା କିଛି ଦିନ ତଳେ ତାଙ୍କୁ ରଶିରେ ବାନ୍ଧି ମାଡ଼ ମାରିବା ସହ ଲୁହାରଡ୍ ତତାଇ ହାତ ଓ ଗୋଡ଼ର ୪ଟି ସ୍ଥାନରେ ଚେଙ୍କ ଦେଇଥିଲେ। ଚିତ୍କାର ଶୁଣି ନାବାଳକଙ୍କ ଆଈ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ପାଇ ଅନୁଗୋଳ ଚାଇଲ୍ଡଲାଇନ କର୍ମକର୍ତ୍ତାମାନେ ଛେଣ୍ଡିପଦା ପୋଲିସ ସହାୟତାରେ ପଞ୍ଚାୟତରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବା ପରେ ଉତ୍କଳବାଳା ଆଶ୍ରମରେ ଛଡ଼ାଯିବ ବୋଲି ଚାଇଲ୍ଡଲାଇନ ପକ୍ଷରୁ କୁହାଯାଇଛି। ପୋଲିସ ନାବାଳକଙ୍କ ସାବତ ମା' ଓ ବାପାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଛି। ନାବାଳକଙ୍କ ଅଜା କହିଛନ୍ତି, ନାତିଙ୍କୁ ବାରମ୍ବାର ଚେଙ୍କ ଦିଆଯାଇଛି। ତେଣୁ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯିବା ଆବଶ୍ୟକ। ଚାଇଲ୍ଡଲାଇନର ସଦସ୍ୟ ରାମଚନ୍ଦ୍ର ସାହୁ, ଆକସେସ୍ ଟୁ ଜଷ୍ଟିସ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ସାହୁ, ବାଲିପଟା ସରପଞ୍ଚ ରଶ୍ମିତା ଗଡ଼ନାୟକ, ଏମ୍‌ବିକେ, ସିଆର୍‌ପି, ଅଙ୍ଗନୱାଡି କର୍ମୀ, ଛେଣ୍ଡିପଦା ପୋଲିସ ଓ ଗ୍ରାମ୍ୟ କମିଟି କର୍ମକର୍ତ୍ତା ଉଦ୍ଧାର ବେଳେ ଉପସ୍ଥିତ ଥିଲେ।

# ନବବିବାହିତା ନାବାଳିକା ଉଦ୍ଧାର

ବଇଣ୍ଡା,୧୨।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରୁ ଜଣେ ନବବିବାହିତା ନାବାଳିକାଙ୍କୁ ଶୁକ୍ରବାର ଅନୁଗୋଳ ଚାଇଲ୍ଡଲାଇନ୍‌ର ସଦସ୍ୟମାନେ ଉଦ୍ଧାର କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଛେଣ୍ଡିପଦା ବ୍ଲକ ଅଞ୍ଚଳର ଜଣେ ନାବାଳିକା ହଣ୍ଡପା ଥାନା ଅଞ୍ଚଳର ଯୁବକଙ୍କୁ କିଛିବର୍ଷ ହେବ ଭଲ ପାଇ ଆସୁଥିଲେ। ଉଭୟେ ବିବାହ କରିବା ପାଇଁ ମନସ୍ଥ କରିଥିଲେ। ତେବେ ପାରିବାରିକ ସମସ୍ୟା ପାଇଁ ଉଭୟେ ବୁଧବାର ଘର ଛାଡି ପଳାଇ ଆସି ହଣ୍ଡପା ଅଞ୍ଚଳର ଏକ ମନ୍ଦିରରେ ବିବାହ କରିଥିଲେ। ଖବରପାଇ ଚାଇଲ୍ଡଲାଇନ ଅନୁଗୋଳ ଜିଲା ସଂଯୋଜକ ପୂଜା ସ୍ୱାଇଁ, ହଣ୍ଡପା ପୋଲିସ, ଆଇସିଡିଏସ୍ ସୁପରଭାଇଜର ରଞ୍ଜୁଲତା, ଆକସେସ୍ ଟୁ ଜଷ୍ଟିସର ଜିଲା ସଂଯୋଜକ ଏବଂ ପ୍ରକଳ୍ପ ସହଯୋଗୀଙ୍କ ସହାୟତାରେ ଅଙ୍ଗନୱାଡି କର୍ମୀ ଏବଂ ପଞ୍ଚାୟତ ସମିତିସଭ୍ୟ ଓ ଗ୍ରାମ ସଭାପତିଙ୍କ ଉପସ୍ଥିତିରେ ନାବାଳିକାଙ୍କୁ ତାଙ୍କ ଶାଶୁଘରୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଅନୁଗୋଳ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ ଆନୁଷଙ୍ଗିକ ପ୍ରକ୍ରିୟା ପରେ ଅନୁଗୋଳସ୍ଥିତ ଏକ ଶିଶୁଯତ୍ନ ଅନୁଷ୍ଠାନର ତତ୍ତ୍ୱାବଧାନରେ ରଖାଯାଇଛି।




# ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ପାଲଲହଡ଼ା,୧୨।୮ (ଦିବ୍ୟଜ୍ୟୋତି ଦାଶ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବଠାରେ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଜିଲାପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ସଦସ୍ୟା ସାବିତ୍ରୀ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଧୁବାବୁ ପେନସନ ଯୋଜନାରେ ୬୦ ବର୍ଷରୁ ଅଧିକ ସମସ୍ତ ଜନସାଧାରଣ ଏବଂ ବିଧବା ମହିଳାଙ୍କୁ ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବାରୁ ଉପଖଣ୍ଡରେ ୧୬୬୮ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବିଧାୟକ ପାଲ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକର ୧୪ଟି ପଞ୍ଚାୟତର ୭୭୬ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ରବିବାର ଖମାର ଠାରେ ଅନ୍ୟ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯିବ ବୋଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା ପ୍ରକାଶ କରିଥିଲେ।



ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

# ହସ୍ପିଟାଲ ଅକ୍ସିଜେନ୍ ପ୍ଲାଣ୍ଟରୁ ଚୋରି

ବଅଁରପାଳ,୧୨।୮ (ଉପେନ୍ଦ୍ର ରାଉତ)

ନାଲ୍‌କୋ ହସ୍ପିଟାଲ ଅକ୍ସିଜେନ ପ୍ଲାଣ୍ଟରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର କପର ପାଇପ୍ ଚୋରି ହୋଇଛି। ଏ ନେଇ ନାଲ୍‌କୋ ଟାଉନଶିପ୍ ସିକ୍ୟୁରିଟି ସଂସ୍ଥାର ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି, ନାଲ୍‌କୋ ହସ୍ପିଟାଲରୁ କପର ପାଇପ୍ ଚୋରି ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଅନୁଗୋଳ,୧୨।୮ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ତାଲା ଭାଙ୍ଗି ଜଣେ ଯୁବକ ଭିତରକୁ ପ୍ରବେଶ କରି କିଛି ସାମଗ୍ରୀ ଚୋରାଇ ନେଇଥିବା ସରପଞ୍ଚ ଚନ୍ଦନ କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସରପଞ୍ଚ ଦାବି କରିଛନ୍ତି।

# ମିଳିତ ପ୍ରୟାସରେ ସଫଳତା ମିଳେ

ଆଠମଲ୍ଲିକ,୧୨।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରକାରଙ୍କ ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସେଠୀ, ଧବଳେଶ୍ୱର ଦେହୁରୀ, ଆଦିତ୍ୟ କୁମାର ସାହୁ, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ସୁନିତା ନାଏକ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା, ଆଇନଜୀବୀ ବିଦ୍ୟୁତ୍ କୁମାର ପାଣିଗ୍ରାହୀ, ଜିତେନ୍ଦ୍ର କୁମାର ମୁଖି, ଉଦୀପ୍ତ ପୁରୋହିତ, ରଶ୍ମିତା ମିଶ୍ର ପ୍ରମୁଖ ଯୋଗଦେଇ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମିଳିତ ପ୍ରୟାସ ଫଳରେ ଶିକ୍ଷାର୍ଥୀ ସଫଳତା ପାଇଥାନ୍ତି ବୋଲି ଆଲୋଚନା କରିଥିଲେ। ଏହି ଅବସରରେ ପରିଚାଳନା କମିଟିର ୪ ଜଣ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା।




ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥିମାନେ।

# ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ




ଜିଲା ପାଠାଗାରଠାରେ ଡ. ହରିହର ଦାଶଙ୍କ ଜନ୍ମୋତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୧୨।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପାଠାଗାରଠାରେ ପ୍ରଧ୍ୟାପକ ମୁକୁନ୍ଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଡ. ହରିହର ଦାଶଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଧାକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥିମାନେ କବି ଡ. ହରିହର ଦାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କବି ମଞ୍ଜୁ ରଥ ଶ୍ଳୋକ ଆବୃତ୍ତି କରିଥିଲେ। ଗାୟିକା ତିଳୋତ୍ତମା ଡ. ଦାଶଙ୍କ ରଚନା ଗାନ କରିଥିଲେ। ଏହି ଅବସରରେ କବି କୁମାର ହାସନ ଏବଂ ପ୍ରବୋଧ କୁମାର ରାଉତଙ୍କ ମହାପ୍ରୟାଣ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଡ. ଇନ୍ଦିରା ଦାଶ, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଏବଂ ଆଡଭୋକେଟ ପ୍ରଦୀପ କୁମାର ପଣ୍ଡା ଶୁଭେଚ୍ଛା ଜ୍ଞାପନ କରିଥିଲେ। ଡ. ଦାଶଙ୍କ ପାଣ୍ଡୁଲିପିଗୁଡ଼ିକ ପ୍ରକାଶ କରିବାକୁ ତାଙ୍କ କନିଷ୍ଠ ପୁତ୍ର ପାଲା ସାହିତ୍ୟ ସଂସଦର ସହଯୋଗ କାମନା କରିଥିଲେ। ଦୀପ୍ତିମୟୀ ବିଶ୍ୱାଳଙ୍କ ସଂଯୋଜନାରେ ମଞ୍ଜୁ ରଥ, ଜଗଦୀଶ ସାହୁ, କୁମୁଦ ଚନ୍ଦ୍ର ଦାସ, ମନୋଜ କୁମାର ବେହେରା, ଧନେଶର ସାହୁ, ଶଶାଙ୍କ ଶେଖର ବାରିକ, ଡ. ଇନ୍ଦିରା ଦାଶ, ରାଧାକାନ୍ତ ମହାନ୍ତି ଓ ବିଶ୍ୱରଞ୍ଜନ ପ୍ରଧାନ ନିଜ ନିଜର କବିତା ଆବୃତ୍ତି କରିଥିଲେ। ଶିବରାମ ମିଶ୍ର ସାଧୁବାଦ ଜଣାଇଥିଲେ।

# ମଦ ଜବତ, ଜଣେ ଗିରଫ

ଛେଣ୍ଡିପଦା,୧୨।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମ ନିକଟରୁ ପୋଲିସ ୧୦ ଲିଟର ଦେଶୀ ମଦ ଜବତ କରିବା ସହିତ ମାଛକୁଟା ଗ୍ରାମର ସରୋଜ କୁମାରଙ୍କୁ ଗିରଫ କରିଛି। ପୋଲିସ କହିଛି, ପାଟ୍ରୋଲିଂ ବେଳେ ମାଛକୁଟା ଗ୍ରାମର ସରୋଜ ପୋଡାପଡା ଗ୍ରାମରୁ ଫେରୁଥିବା ବେଳେ ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ତାଙ୍କ ନିକଟରୁ ଏକ ଧଳାରଙ୍ଗର ଜରି ବ୍ୟାଗ ମିଳିଥିଲା। ସେଥିରେ ପ୍ରାୟ ୧୦ ଲିଟର ଦେଶୀ ମଦ ଥିବା ଦେଖି ପୋଲିସ କାଗଜପତ୍ର ମାଗିବାରୁ ସରୋଜ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଉକ୍ତ ୧୦ ଲିଟର ଦେଶୀ ମଦ ଜବତ କରିବା ସହିତ ସରୋଜଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୩୩୭/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଅବଧି ଶେଷ ସତ୍ତ୍ୱେ କରାଯାଉନି ଉଚ୍ଛେଦ

ଅନୁଗୋଳ, ୧୨।୮ (ଅମିତ କୁମାର ସାମଲ)




ଗ୍ରୀଷ୍ମ ଋତୁରେ ରାସ୍ତା ପାର୍ଶ୍ୱରେ ଲସି ଦୋକାନ ଖୋଲିବାକୁ ଅନୁମତି ଦେଇଥିଲା ପୌରପାଳିକା। ଗ୍ରୀଷ୍ମ ଶେଷ ହୋଇଯାଇଥିବାରୁ ଉକ୍ତ ଅନୁମତିର ଅବଧି ମଧ୍ୟ ସରିଯାଇଛି। ହେଲେ ଅନୁଗୋଳ ସହର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଶୌଚାଳୟର କିଛି ଦୂରରେ ଥିବା ଏକ ଲସି ଦୋକାନକୁ ଏଯାଏ ଉଚ୍ଛେଦ କରାଯାଇ ନାହିଁ। ଏହି ଲସି ଦୋକାନ ଜଣେ ରାଜନେତାଙ୍କ ପରିବାର ଲୋକଙ୍କ ନାମରେ ଥିବାରୁ ତାହାକୁ ଭଙ୍ଗାଯାଉ ନ ଥିବା ରାଖୀ ଦୋକାନ ପାଇଁ ଅନୁମତି ନେବାକୁ ଆସିଥିବା କେତେଜଣ ବ୍ୟବସାୟୀ ପୌରପାଳିକା ନିକଟରେ ଅଭିଯୋଗ କରିଛନ୍ତି।

ସମ୍ପୃକ୍ତ ବ୍ୟବସାୟୀମାନେ କହିଛନ୍ତି, ବୈଶାଖ ମାସରେ ଅନୁଗୋଳ ପୌରପାଳିକା ପକ୍ଷରୁ ସାମୟିକ ସମୟ ପାଇଁ ରାସ୍ତା ପାର୍ଶ୍ୱରେ ଲସି ଦୋକାନ ନିମନ୍ତେ ଅନୁମତି ପ୍ରଦାନ ବ୍ୟବସ୍ଥା ରହିଛି। ଏଥିପାଇଁ ଆବେଦନକାରୀ ପ୍ରଥମେ ୩ ହଜାର ଟଙ୍କା ପୌରପାଳିକାରେ ଜମା କରିବେ। ଅନୁମତି ଦିଆଯାଇଥିବା ତାରିଖ ପର୍ଯ୍ୟନ୍ତ ଦୈନିକ ୪୦ ଟଙ୍କା ହିସାବରେ ଲସି ଦୋକାନୀ ପୌରପାଳିକାକୁ ଟିକସ ପଇଠ କରିବେ। ଏହି ନିୟମ ଅନୁଯାୟୀ ଉକ୍ତ ଲସି ଦୋକାନୀ ରସିଦ୍ ନଂ ୭୦୯/୭୦୮୨୯/୨୬।୪।୨୦୨୩ରେ ଅନୁମତି ନେଇଥିଲେ। ହେଲେ ସେ ନିଜେ ଦୋକାନ ନ ଖୋଲି ସମ୍ପର୍କୀୟଙ୍କୁ ଭଡ଼ାରେ ଟେକି ଦେଇଥିଲେ। ଇତିମଧ୍ୟରେ ଅନୁମତି ଅବଧି ଶେଷ ହୋଇଯାଇଥିବାରୁ ପୌରପାଳିକାକୁ ମଧ୍ୟ ଆଉ ଟିକସ ମିଳୁନାହିଁ। ତଥାପି ଉକ୍ତ ଦୋକାନ ଉଚ୍ଛେଦ କାହିଁକି କରାଯାଉ ନାହିଁ ବୋଲି ବ୍ୟବସାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ପୌରପାଳିକା ପକ୍ଷରୁ କୁହାଯାଇଛି, ଉକ୍ତ ଦୋକାନକୁ ମିଳିଥିବା ଅନୁମତିର ଅବଧି ଶେଷ ହୋଇସାରିଛି। ଟିକସ ମଧ୍ୟ ମିଳୁନାହିଁ। ଖୁବଶୀଘ୍ର ଏହାକୁ ଉଚ୍ଛେଦ କରାଯିବ।

**ଜିଲା ଚିକିତ୍ସାଳୟରେ ସାପ ଆତଙ୍କ**

ଢେଙ୍କାନାଳ, (ରତନ ନାୟାର): ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ସନ୍ଧ୍ୟାରେ ସାପ ଆତଙ୍କ ଦେଖାଦେଇଛି। ପଞ୍ଜୀକରଣ କେନ୍ଦ୍ର ବାରଣ୍ଡାରେ ଏକ ବିଷଧର ସାପ ଥିବା ଦେଖି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଭୟଭୀତ ହୋଇପଡ଼ିଥିଲେ। ବାରଣ୍ଡାରେ ବର୍ଷା ପାଣି ଜମି ରହିଥିବାବେଳେ ଗୋଟିଏ କୋଣରେ ସାପଟି ରହିଥିଲା। ସୁରକ୍ଷା କର୍ମୀ ବାଡ଼ିରେ ସାପଟିକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ତେବେ ସାପ ନିକଟରେ ଥିବା ନାଳ ଭିତରେ ପଶିଯାଇଥିଲା।

## ସଂକ୍ଷେପରେ

### 'ଦେଶଭକ୍ତିରେ ଉଦ୍‌ବୁଦ୍ଧ ହୁଅ'

କାମାକ୍ଷାନଗର, ୧୨।୮(ସୁଧୀର ପରିଡ଼ା)

ଭୁବନ ବ୍ଲକ ମଠକରଗୋଳା କଲେଜରେ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ଏଥିରେ ସଭାପତିତ୍ୱ କରି ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେବାନିବୃତ୍ତ ସେନା କର୍ମଚାରୀ ଜୟନ୍ତ କୁମାର ନାୟକ, ଅଶୋକ କୁମାର ନାୟକ, ରାଜେନ୍ଦ୍ରନାଥ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶିକ୍ଷାନୁଷ୍ଠାନ ପରିସରରେ ୮୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସ୍ୱପ୍ନିତା ରାଉତ, ଅର୍ଚ୍ଚିତା ମହାମାନସିଂ, ଅଧ୍ୟାପକ ପ୍ରଦୀପ୍ତ ସାହୁ, ସୁଧାଂଶୁ ଶେଖର ପାତ୍ର, ପ୍ରଶାନ୍ତ ମିଶ୍ର, ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ସୋମନାଥ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### 'ବୀରୋ କି ବନ୍ଦନା' କାର୍ଯ୍ୟକ୍ରମ

ଢେଙ୍କାନାଳ, ୧୨।୮(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମେରା ମାଟି, ମେରା ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ରଥ, ଅଧ୍ୟାପିକା ଦୀପ୍ତିବାଳା ମିଶ୍ର, ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ 'ବୀରୋ କି ବନ୍ଦନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସ୍‌ଏସ୍ ଅଧିକାରୀ ଦୁର୍ଗାମାଧବ ପାଣିଗ୍ରାହୀ, ଅଧ୍ୟାପିକା ସସ୍ମିତା ମହାପାତ୍ର, ପ୍ରୀତିମଞ୍ଜରୀ ସ୍ୱାଇଁ, ଅଧ୍ୟାପକ ସମରେନ୍ଦ୍ର ସିଂ, ପ୍ରହ୍ଲାଦ ନାୟକ, ସୁଧୀର ମହାପାତ୍ର, ପ୍ରଦୀପ୍ତ ସ୍ୱାଇଁ, ଶ୍ରୀକାନ୍ତ ରାଉତ, କାର୍ତ୍ତିକେଶ୍ୱର ପ୍ରଧାନ, ଦେବୀପ୍ରସାଦ ପତି, ଶଶିକାନ୍ତ କର, ସୁଶୀଳ ନାୟକ, ବିଭୂତି ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଷଡ଼ଙ୍ଗୀ ରେଞ୍ଜରଙ୍କ ପରଲୋକ

ଢେଙ୍କାନାଳ, ୧୨।୮(ରତନ ନାୟାର)



ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜର ଚନ୍ଦ୍ରମଣି ବେହେରାଙ୍କ କଟକଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଶୁକ୍ରବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଛି। ଏହା ଜଣାପଡ଼ିବା ପରେ ଜିଲା ବନ ବିଭାଗ ପକ୍ଷରୁ ଗଭୀର ଶୋକପ୍ରକାଶ ପାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସମେତ ବିଭାଗୀୟ ପଦସ୍ଥ ଅଧିକାରୀମାନେ ଚନ୍ଦ୍ରମଣିଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ଶୁଣ୍ଢ ଟେକି ଦେଲେ ଆଶୀର୍ବାଦ

## କପିଳାସ ବନ୍ୟପ୍ରାଣୀ ଉଦ୍ୟାନରେ ବିଶ୍ୱ ହସ୍ତୀଦିବସ

ଢେଙ୍କାନାଳ, ୧୨।୮(ରତନ ନାୟାର)

ମସ୍ତକରେ ଶୋଭା ବଢ଼ାଉଥିଲା ତିଳକ ଚନ୍ଦନ। ପିଠିରେ ଝଲମଲ ହେଉଥିଲା ଚାନ୍ଦୁଆ। ମାହୁନ୍ତଙ୍କ ନିର୍ଦ୍ଦେଶ ମାନି କିଏ ଅଙ୍ଗଭଙ୍ଗୀ ଦେଖାଇ ମନୋରଞ୍ଜନ କରୁଥିଲା ତ ଆଉ କିଏ ଶୁଣ୍ଢ ଟେକି ପର୍ଯ୍ୟଟକଙ୍କୁ ଦେଉଥିଲା ଆଶୀର୍ବାଦ। ବିଶ୍ୱ ହସ୍ତୀ ଦିବସ ପାଳନ ଉପଲକ୍ଷେ ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନରେ ୬ଟି ହାତୀ ମୁଖ୍ୟ ଆକର୍ଷଣ ସାଜିଥିବାବେଳେ ଏହି ଦିନକୁ ସ୍ମରଣୀୟ କରିବା ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଥିଲା ବନ ବିଭାଗ।

ଧରାପୃଷ୍ଠରେ ବିଚରଣ କରୁଥିବା ସର୍ବବୃହତ୍ ସ୍ତନ୍ୟପାୟୀ ପ୍ରାଣୀ ହାତୀ। ମଣିଷ ସହ ଅନବରତ ସଂଘର୍ଷ ଏହି ବନ୍ୟପ୍ରାଣୀର ଅସ୍ତିତ୍ୱକୁ ସଙ୍କଟରେ ପକାଇଛି। ହାତୀଙ୍କ ପ୍ରତି ସମ୍ବେଦନଶୀଳ



ବିଶ୍ୱ ହାତୀ ଦିବସରେ ହାତୀ ମାନଙ୍କୁ ସାଜସଜ୍ଜା।

ହେବା ଏବଂ ସେମାନଙ୍କ ବଂଶର ସଂରକ୍ଷଣ ଉଦ୍ଦେଶ୍ୟରେ ୨୦୧୦ରେ ଏହାକୁ ଐତିହ୍ୟ ପ୍ରାଣୀ ଭାବେ ଘୋଷଣା କରାଯାଇଛି। ପ୍ରତିବର୍ଷ ଅଗଷ୍ଟ ୧୨କୁ ବିଶ୍ୱ ହସ୍ତୀ ଦିବସ ଭାବେ ପାଳନ କରାଯାଉଛି। ଏହି କ୍ରମରେ ଢେଙ୍କାନାଳ ଜିଲା ବନଖଣ୍ଡ ପକ୍ଷରୁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଶନିବାର ବିଶ୍ୱ ହସ୍ତୀ ଦିବସ ପାଳନ କରାଯାଇଛି। ଜୁ' ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ରହୁଥିବା କାର୍ତ୍ତିକ, ଚନ୍ଦୁ, ଉମା, ପଦ୍ମା, ଶ୍ୟାମା ଏବଂ ଶିବାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ସେମାନଙ୍କୁ କଦଳୀ, ସେଓ, ନଡ଼ିଆ ଖାଇବାକୁ ଦିଆଯାଇଥିଲା। ହସ୍ତୀ ଦିବସ ଉପଲକ୍ଷେ ଜୁ' ପରିଦର୍ଶନରେ ଆସିଥିବା ଛାତ୍ରୀଛାତ୍ର ଓ ପର୍ଯ୍ୟଟକଙ୍କୁ ହାତୀମାନେ ଶୁଣ୍ଢଟେକି ଆଶୀର୍ବାଦ କରିଥିଲେ। ମାହୁନ୍ତ ଦୀପୁ ନିଜର ୬ ଜଣ ସହଯୋଗୀଙ୍କ ସହ ହାତୀଙ୍କୁ ସଜାଇଥିଲେ।

ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହଲ୍‌ରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର, ହାତୀ ବିଶେଷଜ୍ଞ ଅରିବନ୍ଦ ମାଝି, ଇକୋ କ୍ଲବ ମାଷ୍ଟର ଟ୍ରେନର ଦୀପ୍ତିମୟୀ ଲେଙ୍କା, ବାୟୋଲୋଜିଷ୍ଟ ସ୍ୱରୂପ ଫୁଲଣ୍ଡନ୍ ପ୍ରମୁଖ ଉପସ୍ଥିତ ଥିଲେ। ହାତୀ ପ୍ରକୃତିର ବରଦାନ। ଏହି ବନ୍ୟପ୍ରାଣୀଙ୍କ ସ୍ମରଣ ଶକ୍ତି ପ୍ରଖର। ବାସସ୍ଥଳୀ ନଷ୍ଟ ହେଉଥିବାରୁ ହାତୀ ଜନବସତିମୁହାଁ ହେଉଛନ୍ତି। ସେମାନଙ୍କୁ ବିରକ୍ତ କଲେ ଉଗ୍ରରୂପ ଧାରଣ କରୁଛନ୍ତି। ତେଣୁ ହାତୀ-ମଣିଷ ସଂଘର୍ଷ ବଢୁଛି। ସମସ୍ତେ ସଚେତନ ହେଲେ ଏହାକୁ ରୋକାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। କ୍ରିଷ୍ଣା, ଆଦ୍ୟା ଅମ୍ରିତା ପରିଡ଼ା, ସୁଶ୍ରୀ ସମ୍ଭାବନା, ସ୍ୱୟଂ ଶେଖର ରଥ, ରାଜଲକ୍ଷ୍ମୀ ଲେଙ୍କା ପ୍ରମୁଖ ଛାତ୍ରୀଛାତ୍ର ନିଜର ମତ ଉପସ୍ଥାପନା କରି କହିଲେ, ହିନ୍ଦୁ ଧର୍ମଗ୍ରନ୍ଥ, ଇତିହାସରେ ହାତୀକୁ ପ୍ରମୁଖ ସ୍ଥାନ ଦିଆଯାଇଛି। ମଣିଷ ଭଳି ହାତୀଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି। ସେମାନଙ୍କ ସୁରକ୍ଷା ପ୍ରତି ମଣିଷ ସମ୍ବେଦନଶୀଳ ହେବା ଉଚିତ। ଏହି ଉପଲକ୍ଷେ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଣିଷ ପାଇଁ ଅସ୍ତିତ୍ୱ ବିପଦରେ



ପରିବେଶ ସନ୍ତୁଳନରେ ହାତୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମଣିଷ ଏବଂ ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ଏହାର ଅସ୍ତିତ୍ୱ ବିପଦରେ ପଡ଼ିଛି। ଏବେଠାରୁ ସାବଧାନ ନ ହେଲେ ହାତୀ ଚିତ୍ରରେ ସୀମିତ ହୋଇ ରହିଯିବ।

-ରାଜକିଶୋର ବେହେରା, ବୁଦ୍ଧିଜୀବୀ

### ହାତୀମାନେ ଜଙ୍ଗଲର ପାନିଆ



ଜଙ୍ଗଲରେ ପରିବେଶଗତ ସନ୍ତୁଳନ ରକ୍ଷା କରିବାରେ ହାତୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ହାତୀ ପାଇଁ ପରୋକ୍ଷରେ ଜଙ୍ଗଲ ସୁରକ୍ଷିତ ରହେ। ତେଣୁ ହାତୀଙ୍କୁ ଜଙ୍ଗଲର ପାନିଆ କୁହାଯାଏ।

-ସ୍ୱରୂପ ଫୁଲଣ୍ଡନ୍, ବାୟୋଲୋଜିଷ୍ଟ

### ପର୍ଯ୍ୟଟକଙ୍କ ଆକର୍ଷଣ



ହାତୀ ଆମ ପରିବାର ସଦସ୍ୟଙ୍କ ଭଳି। ସେମାନେ ଆମକୁ ନ ଦେଖିଲେ ଅସ୍ତବ୍ୟସ୍ତ ହୋଇପଡ଼ନ୍ତି। କପିଳାସ ପ୍ରାଣୀ ଉଦ୍ୟାନରେ ହାତୀ ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ସାଜିଛନ୍ତି। ସେମାନଙ୍କ ଯତ୍ନ ନେବା ଲାଗି ସ୍ଥାନୀୟ ଅଞ୍ଚଳର ୩ ଏବଂ ଅସାମର ୨ଜଣ ମାହୁନ୍ତ ନିୟୋଜିତ ଅଛନ୍ତି।

-ଦୀପୁ, ମାହୁନ୍ତ

### ଜିଲାରେ ୩୦୦ ହାତୀ



ଢେଙ୍କାନାଳ ଜିଲାରେ ଏବେ ୩୦୦ ହାତୀ ଅଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଉଛି। ଗୋଠଛଡା ଦନ୍ତା ଗତିବିଧି ଉପରେ ନଜର ରଖାଯାଉଛି। ହାତୀଜନିତ କ୍ଷୟକ୍ଷତି ବାବଦ କ୍ଷତିପୂରଣ ୧୫ ଦିନ ମଧ୍ୟରେ ପ୍ରଦାନ କରାଯାଉଛି।

-ସୁବ୍ରତ ପାତ୍ର, ସହକାରୀ ବନ ସଂରକ୍ଷକ

# ବିନା ବେତନରେ ୩୦ ମାସ

## ସ୍ତ୍ରୀଙ୍କ ସହ ସମବାୟ କର୍ମଚାରୀଙ୍କ ଅନଶନ

ଭୁବନ, ୧୨।୮(ବିପିନ ବିହାରୀ ସେଠୀ)

ନିୟମିତ କାର୍ଯ୍ୟ କରୁଛନ୍ତି ହେଲେ ପାରିଶ୍ରମିକ ମିଳୁନାହିଁ। ବିନା ବେତନରେ ବିତିଲାଣି ୩୦ ମାସ। ଏହାର ପ୍ରତିବାଦରେ ସ୍ତ୍ରୀଙ୍କ ସହ ଶନିବାର ଅନଶନକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ସେବା ସମବାୟ ସମିତିର ୪ର୍ଥ ଶ୍ରେଣୀ କର୍ମଚାରୀ ତଥା ବାସୁଦେବପୁର ଗ୍ରାମର ସୁଶାନ୍ତ କଅଁର (୫୫)। ବକେୟା ପରିଶ୍ରମିକ ନ ମିଳିବା ଯାଏ ସେ ଅନଶନରୁ ହଟିବେ ନାହିଁ ବୋଲି କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଗଡ଼ନୃସିଂହପ୍ରସାଦ ସେବା ସମବାୟ ସମିତିର ଜଣେ ପୁରାତନ କର୍ମଚାରୀ ହେଉଛନ୍ତି ସୁଶାନ୍ତ। ସେବା ସମବାୟ ପକ୍ଷରୁ ମିଳୁଥିବା ମାସିକ ୪,୫୦୦ ଟଙ୍କା



ସ୍ତ୍ରୀଙ୍କ ସହ ସୁଶାନ୍ତ ଅନଶନରେ ବସିଛନ୍ତି।

ବେତନରେ ବଡ଼ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ପ୍ରାୟ ଅଢ଼େଇ ବର୍ଷ ହେଲା ତାଙ୍କର ଦରମା ବନ୍ଦ କରିଦିଆଯାଇଛି। ବିଭାଗୀୟ ଅଧିକାରୀ, ଜିଲାପାଳ, ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ତାଙ୍କୁ କେବଳ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ବକେୟା ଦରମା ପ୍ରଦାନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସବୁଆଡୁ ନିରାଶ ହେବା ପରେ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସ୍ତ୍ରୀଙ୍କ ସହ ଅନଶନ ଆରମ୍ଭ କରିଥିବା ସୁଶାନ୍ତ କହିଛନ୍ତି।

ଏ ସଂକ୍ରାନ୍ତରେ ସମିତି ସମ୍ପାଦକ ଅରୁଣ ମହାପାତ୍ର କୁହନ୍ତି, ଖିଲାପୀ ଚାଷୀଙ୍କଠାରୁ ଆଦାୟ ଋଣ ଟଙ୍କାରେ କର୍ମଚାରୀଙ୍କ ଦରମା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ସମିତିରୁ ସମୁଦାୟ ୭୬୩ ଜଣ ଚାଷୀ ଋଣ ନେଇଛନ୍ତି। ତନ୍ମଧ୍ୟରୁ ୩୨୩ ଚାଷୀ ଋଣ ଖିଲାପକାରୀ ହୋଇସାରିଲେଣି। ଅନଶନରେ ବସିଥିବା କର୍ମଚାରୀ ଯେପରି ଶୀଘ୍ର ବକେୟା ଦରମା ପାଇବେ, ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି।

### ପୋଖରୀରୁ ମୃତଦେହ ଜବତ

ଭୁବନ, ୧୨।୮(ବିପିନ ବିହାରୀ ସେଠୀ)

ଭୁବନ ଏନ୍‌ଏସି ଅନ୍ତର୍ଗତ ୧୦ନଂ. ୱାର୍ଡ ପୃଷ୍ଟିପାଟଣାର ଶ୍ରୀଧର ବେହେରା (୬୫)ଙ୍କ ମୃତଦେହ ଶନିବାର ନୂଆପୋଖରୀରୁ ଠାବ କରାଯାଇଛି। ଶ୍ରୀଧର ଜଣେ ମାନସିକ ରୋଗୀ। ସେ ଶୁକ୍ରବାରଠାରୁ ନିଖୋଜ ଥିଲେ। ପରିବାର ସଦସ୍ୟ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ଶନିବାର ଘରଠାରୁ ୫୦୦ ମିଟର ଦୂର ନୂଆପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି କେତେଜଣ ସ୍ଥାନୀୟ ଲୋକେ ପରିବାରକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ବାହାର କରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୧୮ରୁ ସାମୂହିକ ଛୁଟିରେ ଯିବେ ପିଇଓ

ଢେଙ୍କାନାଳ, ୧୨।୮(ରତନ ନାୟାର)

ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩, ୧୦ ବର୍ଷ କାର୍ଯ୍ୟ କରିଥିବା ପିଇଓଙ୍କୁ ଲେଭଲ ୯କୁ ପଦୋନ୍ନତି ଦାବିରେ ଗଁନ୍ଦିଆ ବ୍ଲକର ସମସ୍ତ ୨୦ ପଞ୍ଚାୟତର ପିଇଓ ଗତ ଅଗଷ୍ଟ ୭ରୁ କଳାବ୍ୟାଜ୍ ପିନ୍ଧି ପ୍ରତୀକାତ୍ମକ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅଗଷ୍ଟ ୧୭ ସୁଦ୍ଧା ଦାବି ପୂରଣ ନ ହେଲେ ୧୮ରୁ ସମସ୍ତେ ସାମୂହିକ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲା ସାଧାରଣ ସମ୍ପାଦକ ଅଜୟ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରତ୍ନାକର ଲେଙ୍କା, ବ୍ଲକ ସଭାପତି ଅନ୍ତର୍ଯାମୀ ବାରିକ, ସମ୍ପାଦକ ମନୋରଞ୍ଜନ ସାହୁ, ପିଇଓ ବୈଦ୍ୟନାଥ ବେହେରା, ପବିତ୍ର ମୋହନ ବାରିକ, ବସନ୍ତ ବେହେରା, ଶିବରାମ ସାମଲ, ହରିଶ ନାୟକ, ପବିତ୍ର ନାୟକ, ସୌମ୍ୟରଞ୍ଜନ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।

# ପୂର୍ବତନ ସୈନିକ ସମ୍ବର୍ଦ୍ଧିତ





କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ, ୧୨।୮(ରତନ ନାୟାର)

ଓଡ଼ାପଡ଼ା ବ୍ଲକ୍ ବଳରାମପୁର ଗ୍ରାମରେ ଶ୍ରୀ ବଳଦେବଜୀଉ କ୍ଲବ୍ ଓ ଢେଙ୍କାନାଳ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'ମୋ ମାଟି-ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସେନାର ସେବାନିବୃତ୍ତ ୨୪ଜଣ ଯବାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ସମ୍ମାନିତ ଅତିଥି ଜିଲା ସୈନିକ ବୋର୍ଡର ଅବସରପ୍ରାପ୍ତ ସମ୍ପାଦକ କ୍ୟାପ୍‌ଟେନ୍ ସୁଧୀର ପାତ୍ର ଉପସ୍ଥିତ ଥିଲେ। କ୍ଲବ୍ ସଭାପତି ସରୋଜ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷାବିତ୍ ମାୟାଧର ମାଝି, ନେହେରୁ ଯୁବ କେନ୍ଦ୍ର କାର୍ଯ୍ୟକ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର, ଗ୍ରାମ ସଭାପତି ଅମ୍ବିକା ପ୍ରସାଦ ଜେନା, ସରପଞ୍ଚ ଅଭିରାମ ଦଳେଇ, ସମିତିସଭ୍ୟା ରୋଜାଲିନ୍ ପାତ୍ର ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। କ୍ଲବର ପୂର୍ବତନ ସଭାପତି ସୁଶାନ୍ତ କୁମାର ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱରଞ୍ଜନଙ୍କୁ ମରଣୋତ୍ତର ଗଜଗୌରବ ସମ୍ମାନ

ଢେଙ୍କାନାଳ, ୧୨।୮(ରତନ ନାୟାର)

ଢେଙ୍କାନାଳ ସଦର ରେଞ୍ଜର ହାତୀ ସ୍କ୍ୱାଡ୍ କର୍ମଚାରୀ ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କୁ ମରଣୋତ୍ତର 'ଗଜଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ଶନିବାର ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ସ୍ତ୍ରୀ ଏହି ସମ୍ମାନ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୨୦୨୨ ମାର୍ଚ୍ଚ ୧୧ରେ ବିଶ୍ୱରଞ୍ଜନ ସଦର ରେଞ୍ଜ୍ ଗହମଖୁଣ୍ଟି



ସ୍ୱର୍ଗତ ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କ ସ୍ତ୍ରୀ ସମ୍ମାନ ଗ୍ରହଣ କରୁଛନ୍ତି। ବିଶ୍ୱରଞ୍ଜନ(ଇନସେଟ୍)

ଅଞ୍ଚଳରେ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ଦନ୍ତା ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# କାର୍‌କୁ ପିଟିଲା ବାଇକ୍, ଜଣେ ଗୁରୁତର

ଢେଙ୍କାନାଳ, ୧୨।୮(ରତନ ନାୟାର)

ଢେଙ୍କାନାଳ ସହର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ପାଞ୍ଚକାହାଣିଆ ନିକଟରେ ଶନିବାର ଅପରାହ୍ନରେ କାର୍‌କୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ କାର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଟାଉନ ଥାନା ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଖବର ଲେଖାଯିବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବାରୁ ଆହତଙ୍କ



ଦୁର୍ଘଟଣାଗ୍ରସ୍ତ କାର।

ପରିଚୟ ମିଳି ପାରି ନ ଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର କହିଛନ୍ତି।

# ଓସିଏସ୍ ର୍ୟାଙ୍କଧାରୀ ସମ୍ବର୍ଦ୍ଧିତ

ଢେଙ୍କାନାଳ, ୧୨।୮(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁରସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଅନୁଷ୍ଠାନର ପୁରାତନ ଛାତ୍ରୀ ଲିପ୍ସାରାଣୀ ପ୍ରଧାନ, ଛାତ୍ର ଶୁଭମ୍ ଶୁଭାଶିଷ ଶତପଥୀଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସମାରୋହରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ସଭାପତିତ୍ୱ କରି କହିଲେ, ନିରବଚ୍ଛିନ୍ନ ଉଦ୍ୟମ ଏବଂ ଶୃଙ୍ଖଳିତ ପରିଶ୍ରମ ଦ୍ୱାରା ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ। ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ଅନିଲ ଗୋଚ୍ଛାୟତ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ସହଦେବ ପ୍ରଧାନ, ବିରଞ୍ଚି ନାରାୟଣ ବଳସାମନ୍ତ, ରସାୟନ ବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ମହାପାତ୍ର, ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଜୟପ୍ରକାଶ ବଳିଆରସିଂ ପ୍ରମୁଖ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ଓଡ଼ାପଡ଼ା ବ୍ଲକ ବ୍ରଜବିହାରୀପୁର ଅଞ୍ଚଳର ବେଣୁଧର ଶତପଥୀଙ୍କ ପୁତ୍ର ଶୁଭମ୍ ଶୁଭାଶିଷ ଓସିଏସ୍ ପରୀକ୍ଷାରେ ୨୬ତମ ସ୍ଥାନ ହାସଲ କରିଛନ୍ତି। ସେହିପରି ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବଡ଼ବାହାଲ ଅଞ୍ଚଳର ଶିକ୍ଷକ ପରମେଶ୍ୱର ପ୍ରଧାନଙ୍କ କନ୍ୟା ଲିପ୍ସାରାଣୀ ୨୬୨ତମ ର୍ୟାଙ୍କ ରଖିଛନ୍ତି। ଉଭୟେ ଇ-ଟେକ୍‌ର ପୂର୍ବତନ ବିଦ୍ୟାର୍ଥୀ। ସଫଳତାର ଏହି ଧାରା ବଜାୟ ରଖିବା ଲାଗି ଅନୁଷ୍ଠାନର ସମ୍ପାଦିକା ସାଗରବାଳା ହୋତା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ଦୁଇ ଓସିଏସ୍ ର୍ୟାଙ୍କଧାରୀ।

# 'ମହିଳା ଚାହିଁଲେ ନିର୍ଯାତନା କମିବ'

ଢେଙ୍କାନାଳ, ୧୨।୮(ରତନ ନାୟାର)

ଢେଙ୍କାନାଳ ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀମନ୍ଦିରରେ ମାନବିକ ଅଧିକାର ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ଚାହିଁଲେ ନାରୀଙ୍କ ଉପରେ ହେଉଥିବା ନିର୍ଯାତନା କମିବ। ଘରୋଇ ହିଂସା ହେଉ କି ଶାରୀରିକ ଉତ୍ପୀଡ଼ନ, ସବୁ କ୍ଷେତ୍ରରେ ସ୍ୱର ତୀବ୍ର କରିବାକୁ ଆହ୍ୱାନ ଦିଆଯାଇଥିଲା। ପୋଲିସ ଏବଂ ପ୍ରଶାସନର ଅପାରଗତା ଯୋଗୁ ଅଧିକ ସଂଖ୍ୟାରେ ମାନବାଧିକାର ଉଲ୍ଲଂଘନ ହେଉଛି। ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ମାନବାଧିକାର ଉଲ୍ଲଂଘନ ସମ୍ପର୍କରେ ସଚେତନତା ଶିବିର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲା ଉପସଭାପତି ବଦ୍ରିନାରାୟଣ ମହାନ୍ତି, ମହିଳା କଂଗ୍ରେସ ଉପସଭାନେତ୍ରୀ ରୁବିନା ବେଗମ୍, ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ନାୟକ, ଚନ୍ଦ୍ରମଣି ନାଥ, ଅକ୍ଷୟ ପତି, ଆଞ୍ଚଳ ପାଲ୍, ରବୀନ୍ଦ୍ର ବେହେରାଙ୍କ ସମେତ ଜିଲାର ସମସ୍ତ ବ୍ଲକ, ପୌରସଂସ୍ଥାର ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ।

# ୨୦୦ ଏକରରେ ହେବ ହରଡ଼ ଚାଷ



ହରଡ଼ ଡାଲି କିଟ୍ ପାଇଥିବା ମହିଳା ଚାଷୀମାନେ।

ଢେଙ୍କାନାଳ, ୧୨।୮(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତର ବେଗୁନିଆପାଳ ଗ୍ରାମରେ ହରଡ଼ ଚାଷରେ ଦକ୍ଷତା ବୃଦ୍ଧି ଏବଂ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି, ଆଇସିଏଆର୍‌ଡିଏ ମୁଖ୍ୟ ଡ. କିଶୋର ବେହେରା, ଗ୍ରାଣ୍ଡ ଥର୍ଣ୍ଟନ ଭାରତର ଆସୋସିଏଟ୍ ଡାଇରେକ୍ଟର ପ୍ରଖର ଖଟିଆଲ, ଓସ୍‌ଭାସୁଆର ମୁଖ୍ୟ ଦିଲୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦ ଏକର ଜମିରେ ହରଡ଼ ଚାଷ ପାଇଁ ୨୦୦ଟି ହରଡ଼ ବିହନ ମିନିକିଟ୍ ପ୍ରଦାନ କରାଯାଇଥିଲା। ପୂର୍ବରୁ ଛତୁଚାଷ ପ୍ରଶିକ୍ଷଣ ନେଇଥିବା ୬୦ ମହିଳା ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପ୍ରଧାନ, ପଦ୍ମିନୀ ଦାସ ହରଡ଼ ଚାଷର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଲଷ୍ଟର ମ୍ୟାନେଜର ନାରାୟଣ ଖଟୁଆ, ଚିନ୍ମୟ ଖଟୁଆ, କିଶୋର ଚନ୍ଦ୍ର ଖଟୁଆ, ପ୍ରିୟଦର୍ଶିନୀ ଭୋଳ, ଲୋପାମୁଦ୍ରା ଖଟୁଆ, ନିବାରଣ ଖଟୁଆ, ଆଶିଷ ଜେନା, ରାଜକିଶୋର ପ୍ରଧାନ, ବିକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିବର୍ତ୍ତନ ଓ ଗ୍ରାଣ୍ଡ ଥର୍ଣ୍ଟନ ଭାରତ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ଓଡ଼ିଶା ସମେତ ୬ ରାଜ୍ୟର ୨୪ଟି ଜିଲାରେ ଅନୁଷ୍ଠିତ ହେଉଛି। ତନ୍ମଧ୍ୟରେ ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲା ସାମିଲ ଅଛି। କାର୍ଯ୍ୟକ୍ରମ ମାଧ୍ୟମରେ ୨୦ଟି ମହିଳା କୃଷକ ଉତ୍ପାଦକ କମ୍ପାନୀ ଗଠିତ ହୋଇଛି।

